# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1st May – 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ପ୍ରଥମ ୱେଭ୍ସ୍ ସମ୍ମିଳନୀ-୨୦୨୫ର  ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

— କହିଲେ, 'ୱେଭ୍ସ୍' ସଂସ୍କୃତି, ନବସୃଜନ ଓ ସାର୍ବଜନୀନ ସଂଯୋଗର ଲହରୀ

- ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ;

— ନୂଆ ସରକାର ଦାୟିତ୍ୱ ନେବା ପରେ ଶ୍ରମିକମାନଙ୍କୁ ୩୭୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା କହିଲେ ମୁଖ୍ୟମନ୍ତ୍ରୀ

- କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ମାସରେ ୨ ଦଶମିକ ୩୭ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ

ଏବଂ

- ସହରାଞ୍ଚଳବାସୀଙ୍କୁ ସରକାରୀ ଯୋଜନା ସହ ଯୋଡିବା ପାଇଁ ଆରମ୍ଭ ହେଲା 'ସହଯୋଗ' କାର୍ଯ୍ୟକ୍ରମ

# ଓ୍ୱେଭସ୍ ସମ୍ମିଳନୀ

ପ୍ରଯୁକ୍ତିଚାଳିତ ଶତାବ୍ଦୀରେ ମାନବକୁ ସମ୍ବେଦନଶୀଳ କରିବାକୁ ହେଲେ ସଂଗୀତ, କଳା ଓ ନୃତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମୁମ୍ବାଇର ଜିଓ ଓ୍ୱାର୍ଲ୍ଡ କନ୍‌ଭେନସନ୍ ସେଣ୍ଟରରେ ଆଜି ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ– ଓ୍ୱେଭ୍‌ସ-୨୦୨୫ର ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓ୍ୱେଭ୍‌ସ୍ ଏକ ସଂକ୍ଷିପ୍ତ ଶବ୍ଦ ନୁହେଁ, ବରଂ ଏହା ସଂସ୍କୃତି, ସୃଜନଶୀଳତା ଏବଂ ସାର୍ବଜନୀନ ସଂଯୋଗର ଏକ ଲହରୀ। ବର୍ତ୍ତମାନ ନବସୃଜନ, ବିଷୟବସ୍ତୁ ଏବଂ ସଂସ୍କୃତି ମାଧ୍ୟମରେ ନାରଙ୍ଗୀ ଅର୍ଥନୀତିର ଉଦୟ ହୋଇଛି। ଏହା ମାଧ୍ୟମରେ ଭାରତର କଳା, ସଂସ୍କୃତି ଏବଂ ସିନେମା ବିଶ୍ୱର କୋଣ-ଅନୁକୋଣରେ ପହଞ୍ଚି ପାରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି....

**-V/O-***(PM)*

ପ୍ରଧାନମନ୍ତ୍ରୀ କହିଛନ୍ତି, ଓ୍ୱେଭ୍‌ସ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ। ଏହା କଳାକାର ଏବଂ ସ୍ରଷ୍ଟାଙ୍କ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ।

୧୦୦ ରୁ ଅଧିକ ଦେଶର କଳାକାର ନବସୃଜନକାରୀ, ନିବେଶକ ଏବଂ ନୀତି ନିର୍ଦ୍ଧାରକମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବାରୁ ଏହି

ସମ୍ମିଳନୀ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**-V/O-***(PM)*

ଦେଶ ଆଜି ଚଳଚ୍ଚିତ୍ର ନିର୍ମାଣ, ଡିଜିଟାଲ ବିଷୟବସ୍ତୁ, ଗେମିଂ, ଫ୍ୟାସନ୍, ସଂଗୀତ ଏବଂ ଲାଇଭ୍ କନସର୍ଟ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍ ଭାବରେ ଉଭା ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସୂଚନା ଅନୁସାରେ, ୱେଭ୍ସ ସମ୍ମିଳନୀ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ ଏଥିରେ ବିଭିନ୍ନ ଅଧିବେଶନ ପ୍ରଦର୍ଶନୀ ସହ କଳା, ସଂଗୀତ, ନବସୃଜନ ମାଧ୍ୟମରେ ଦେଶର ଐତିହ୍ୟ ଓ ବିଶ୍ୱ ଏକତାର ପ୍ରଦର୍ଶନ କରାଯାଉଛି ।

## ଶ୍ରମିକ ଦିବସ-ସିଏମ୍

ରାଷ୍ଟ୍ରର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଉଛି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଗୁରୁତ୍ୱ ଦେବା ହେଉଛି ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶ୍ରମିକ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ସରକାର ଦାୟିତ୍ୱ ନେବା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ୪ ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ

ପଞ୍ଜୀକୃତ କରାଯାଇଛି ଏବଂ ସହାୟତା ବାବଦରେ ୩୭୦ କୋଟି ଟଙ୍କା ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଜୁରୀ ସଂଶୋଧନ କରାଯାଇଛି। ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଉପରେ ପରିବର୍ତ୍ତନୀୟ ମହଙ୍ଗା ଭତ୍ତା, ଦୈନିକ ୧୦ ଟଙ୍କା ବୃଦ୍ଧି କରାଯାଇଛି। ଏହା ପିଛିଲା ଭାବେ ଏପ୍ରିଲ ୧ ତାରିଖରୁ ଲାଗୁ ହେବ।

ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କଲ୍ୟାଣବୋର୍ଡରେ ପଞ୍ଜୀକୃତ ଥିବା ଶ୍ରମିକମାନଙ୍କୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ବଣ୍ଟନ କରିଛନ୍ତି। ସେହିଭଳି ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ୍ ଆପ୍‌ର ଲୋକାର୍ପଣ ଏବଂ ଭୁବନେଶ୍ୱର ଡୁମ୍‌ଡୁମା ଓ କଳ୍ପନାଠାରେ ୨ଟି ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା ସହ ଆଗାମୀ ଦିନରେ କଟକ, ରାଉରକେଲା, ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର ଭଳି ଅନ୍ୟ ସହରାଞ୍ଚଳରେ ଶ୍ରମିକ ପ୍ରତୀକ୍ଷାକେନ୍ଦ୍ର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ଶ୍ରମିକ ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଛି।

**ବଲାଙ୍ଗିର** ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ କିପରି ଉଚିତ ଅର୍ଥ ଓ ସମ୍ମାନ ପାଇପାରିବେ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

**କେନ୍ଦ୍ରାପଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

**ଦେବଗଡ଼** ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମ ବିଭାଗ ପକ୍ଷରୁ ସହାୟତା ରାଶି ବଣ୍ଟନ କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡକାମୀ ଯୋଗଦେଇ ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ।

**ରାୟଗଡ଼ା** ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ୍ ପ୍ରାଧିକରଣ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଶ୍ରମ ଦିବସରେ ଜିଲ୍ଲା ଜଜ୍ ସତ୍ୟ ନାରାୟଣ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଥିଲେ ।

**କଟକ** ବରିଷ୍ଠ ନାଗରିକ ସଂଘ ସଂକଳ୍ପ ପକ୍ଷରୁ ଦେଉଳସାହିଠାରେ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଫାଇ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

**ବୌଦ୍ଧ, ନୂଆପଡା, ଯାଜପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି ।

## ଶ୍ରମିକ ଦିବସ-ସିଏମ୍

ରାଷ୍ଟ୍ରର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଇ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ କରାଯାଉଛି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଗୁରୁତ୍ୱ ଦେବା ହେଉଛି ଆଜି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶ୍ରମିକ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ସରକାର ଦାୟିତ୍ୱ ନେବା ପରେ  ବର୍ତ୍ତମାନ ପର୍ଯ୍ୟନ୍ତ ୪ ଲକ୍ଷରୁ ଅଧିକ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି ଏବଂ ସହାୟତା ବାବଦରେ ୩୭୦ କୋଟି ଟଙ୍କା ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଜୁରୀ ସଂଶୋଧନ କରାଯାଇଛି। ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଉପରେ ପରିବର୍ତ୍ତନୀୟ ମହଙ୍ଗା ଭତ୍ତା, ଦୈନିକ ୧୦ ଟଙ୍କା ବୃଦ୍ଧି କରାଯାଇଛି। ଏହା ପିଛିଲା ଭାବେ ଏପ୍ରିଲ ୧ ତାରିଖରୁ ଲାଗୁ ହେବ।

ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ବିଭିନ୍ନ ନୀତି ପ୍ରଣୟନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କଲ୍ୟାଣବୋର୍ଡରେ ପଞ୍ଜୀକୃତ ଥିବା ଶ୍ରମିକମାନଙ୍କୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ବଣ୍ଟନ କରିଛନ୍ତି। ସେହିଭଳି ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ୍ ଆପ୍‌ର ଲୋକାର୍ପଣ ଏବଂ ଭୁବନେଶ୍ୱର ଡୁମ୍‌ଡୁମା ଓ କଳ୍ପନାଠାରେ ୨ଟି ଶ୍ରମିକ ପ୍ରତୀକ୍ଷା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହା ସହ ଆଗାମୀ ଦିନରେ କଟକ,

ରାଉରକେଲା, ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର ଭଳି ଅନ୍ୟ ସହରାଞ୍ଚଳରେ ଶ୍ରମିକ ପ୍ରତୀକ୍ଷାକେନ୍ଦ୍ର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

## ଜିଏସ୍‌ଟି

କେନ୍ଦ୍ର ସରକାର ଗତ ଏପ୍ରିଲ୍ ମାସରେ ଦ୍ରବ୍ୟ ଓ ସେବା କର ଜିଏସ୍‌ଟି ବାବଦରେ ୨ ଲକ୍ଷ ୩୭ ହଜାର କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଗତବର୍ଷ ଏପ୍ରିଲ ମାସରେ ୨ ଲକ୍ଷ ୧୦ ହଜାର କୋଟି ଟଙ୍କା ସଂଗ୍ରହ ହୋଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୧୨ ଦଶମିକ ୬ ପ୍ରତିଶତ ଅଧିକ ଅର୍ଥ ଜିଏସ୍‌ଟି ବାବଦରେ ସଂଗ୍ରହ ହୋଇ ରେକର୍ଡ ସୃଷ୍ଟି ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

## ସହଯୋଗ

ସହରାଞ୍ଚଳରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସରକାରୀ ଯୋଜନା ସହ ଯୋଡ଼ିବା ପାଇଁ 'ସହଯୋଗ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୁବନେଶ୍ୱରଠାରେ ସହଯୋଗର ଶୁଭାରମ୍ଭ କରି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର  କହିଛନ୍ତି, ପ୍ରାରମ୍ଭିକ ଭାବେ ଏଥିରେ ୮ଟି ବିଭାଗର ୧୩ଟି ଯୋଜନାକୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ପକ୍‌କା ଘର ନିର୍ମାଣ ପାଇଁ ଏହି କାର୍ଯ୍ୟକ୍ରମରେ ପ୍ରାଥମିକତା ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୮ଟି ଜିଲ୍ଲାର ୪୪ଟି ପୌରାଞ୍ଚଳରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରକୁ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ସହଯୋଗ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ସ୍ୱଚ୍ଛ କର୍ମୀ, ଜଳସାଥୀ, ବସ୍ତିବାସିନ୍ଦା ସଂଘର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୌରାଞ୍ଚଳ କର୍ମୀଙ୍କର ସାହାଯ୍ୟରେ ଏହି କାର୍ଯ୍ୟକ୍ରମକୁ

ଆଜିଠାରୁ ୨ ମାସ ପର୍ଯ୍ୟନ୍ତ ଜନ ଅଭିଯାନରେ ପରିଣତ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ମେଟ୍ରୋ ପ୍ରକଳ୍ପ

କଟକ ବସ୍‌ଷ୍ଟାଣ୍ଡ ଓ ଏସ୍‌ସିବି ମେଡିକାଲ କଲେଜ୍ ଏବଂ ହସ୍‌ପିଟାଲ ପର୍ଯ୍ୟନ୍ତ ମେଟ୍ରୋ ରେଳପ୍ରକଳ୍ପର ସମ୍ପ୍ରସାରଣ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ମେଟ୍ରୋ ପ୍ରକଳ୍ପ ପାଇଁ ଏକ କମିଟି ଗଠନ କରାଯାଇଥିବାବେଳେ କମିଟିର ଚୂଡାନ୍ତ ରିପୋର୍ଟ ଆଧାରରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପ୍ରସାରଣ ନେଇ ଘୋଷଣା କରାଯାଇଥିଲା।

## ସମନ୍ୱୟ ବୈଠକ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୁରୀ ଟାଉନ୍‌ହଲ୍‌ଠାରେ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦ୍ରାଞ୍ଚଳ ଆର.ଡି.ସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶୃଙ୍ଖଳିତ ନୀତି, ଜଳଗହଳି ନିୟନ୍ତ୍ରଣ ଓ ବିଭିନ୍ନ ବିଭାଗର କାର୍ଯ୍ୟକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ସହ ଅନେକ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ପରିମଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଛି। ରଥଯାତ୍ରା ସମୟରେ ୨୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବ ବୋଲି ସୂଚନା ମିଳିଛି। ସେହିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସମସ୍ୟାର ଦୂରୀକରଣ, ସ୍ୱତନ୍ତ୍ର ବସ୍ ଚଳାଚଳ, ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର ନିୟୋଜିତ, ଜନଗହଳି ନିୟନ୍ତ୍ରଣ, ସହରରେ ସିସିଟିଭି କ୍ୟାମେରା ଲଗାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## ଅଭିଯୋଗ ଶୁଣାଣି

ରାଜ୍ୟର ସମସ୍ତ ଜିଲ୍ଲାରେ ଆସନ୍ତା ୫ ତାରିଖ ସୋମବାର ଦିନ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତାକାଲି ଦିନ ୧୧ଟାରୁ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବ। ଏଥିନିମନ୍ତେ **janasunani.odisha.gov.in** (ଜନଶୁଣାଣି ଡଟ୍ ଓଡ଼ିଶା ଡଟ୍ ଜିଓଭି ଡଟ୍ ଇନ୍) ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜ ଅଭିଯୋଗ ପଞ୍ଜୀକରଣ କରିପାରିବେ। ଅଣ ପଞ୍ଜୀକୃତ ଆବେଦନକାରୀଙ୍କ ଅଭିଯୋଗପତ୍ରଗୁଡ଼ିକ ମଧ୍ୟ ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

# ଭିତରକନିକା

କେନ୍ଦ୍ରାପଡ଼ା ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଆଜିଠାରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଛି। କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହେଉଥିବାରୁ ରାଜନଗର ବନଖଣ୍ଡ ପକ୍ଷରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଦ୍ୟାନକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

## ଶ୍ରମିକ ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଛି।

**ବଲାଙ୍ଗିର** ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ବାହାରକୁ

କାମ କରିବାକୁ ଯାଉଥିବା ଶ୍ରମିକମାନେ କିପରି ଉଚିତ ଅର୍ଥ ଓ ସମ୍ମାନ ପାଇପାରିବେ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

**କେନ୍ଦ୍ରାପଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

**ଦେବଗଡ଼** ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମ ବିଭାଗ ପକ୍ଷରୁ ସହାୟତା ରାଶି ବଣ୍ଟନ କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡକାମୀ ଯୋଗଦେଇ ଜିଲ୍ଲାକୁ ଶିଶୁ ଶ୍ରମିକମୁକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ।

**ରାୟଗଡ଼ା** ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଆଇନ୍ ପ୍ରାଧିକରଣ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ଶ୍ରମ ଦିବସରେ ଜିଲ୍ଲା ଜଜ୍ ସତ୍ୟ ନାରାୟଣ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକ ଦିବସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଥିଲେ ।

**କଟକ** ବରିଷ୍ଠ ନାଗରିକ ସଂଘ ସଂକଳ୍ପ ପକ୍ଷରୁ ଦେଉଳସାହିଠାରେ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଫାଇ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି ।

**ସମ୍ବଲପୁର, ବୌଦ୍ଧ, ନୂଆପଡା, ଯାଜପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି ।

# ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡଘଡି ସହ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି କଟକ, ଖୋର୍ଦ୍ଧା ସମେତ ୧୩ଟି ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*********************************